# ପୌର ପରିଷଦ କାର୍ଯ୍ୟାଳୟ, ରାଇରଙ୍ଗପୁର

ସଂଖ୍ୟା...1844....ତା.08.6.23.........

**୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୧୦୩ଗୋଟି ସହରର ରୂପାନ୍ତରୀକରଣ ପ୍ରକଳ୍ପ ଗୁଡିକୁ କାର୍ଯ୍ୟ କରିବା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଂଟେରେଷ୍ଟ)**

ଏତଦ୍ୱାରା ରାଇରଙ୍ଗପୁର ପୌର ପରିଷଦ, ରାଇରଙ୍ଗପୁର ଅନ୍ତର୍ଗତ ୱାର୍ଡ ନଂ.୧ ରୁ ୧୫ ର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା୧୧୪୯୨ତା୦୭.୦୬.୨୦୨୩ରିଖ ପ୍ରକାରେ ପୌର ପରିଷଦର ୧୦୩ଗୋଟି ପ୍ରକଳ୍ପ ମୁକ୍ତା ଯୋଜନା ଅଧିନରେ ସମ୍ପାଦନ କରିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏଣୁ ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀମାନେ ଆସନ୍ତା ତା୨୩.୦୬.୨୦୨୩ରିଖ ଅପରାହ୍ନ ୪ଘଟିକା ମଧ୍ୟରେ ରାଇରଙ୍ଗପୁର ପୌର ପରିଷଦରେ ନିଜର ମୁଦା ଲଫାପାରେ ଆବେଦନ ପତ୍ର ଦାଖଲ କରିପାରିବେ ।

୧- ଏହି ଅଭିବ୍ୟକ୍ତି ଆବେଦନ ସମୟ ସମ୍ପୂର୍ଣ୍ଣ ହେବା ପରେ ତା୨୬.୦୬.୨୦୨୩ରିଖ ଅପରାହ୍ନ ୪ଘଟିକା ସମୟରେ ରାଇରଙ୍ଗପୁର ପୌରପରିଷଦ ସଭା ଗୃହରେ ଖୋଲା ଯିବ ବୋଲି ସ୍ଥିର କରାଯାଇଅଛି ।

୨- ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଅଭିବ୍ୟକ୍ତି ପ୍ରକାଶନ ସହିତ ଆବେଦନ ପତ୍ର ରାଇରଙ୍ଗପୁର ପୌରପରିଷଦର ୱେବ୍ ସାଇଟ୍ www.rairangpurmunicipality.org.ରୁ ଡାଉନ୍ ଲୋଡ୍ କରିପାରିବେ ଏବଂ ଗୋଷ୍ଠୀ ସଙ୍ଗଠିକାଙ୍କ ପାଖରୁ ମଧ ପାଇ ପାରିବେ ।

୩- ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଯୋଗ୍ୟ ପ୍ରମାଣିତ ହୁଅନ୍ତି ସେହି ଗୋଷ୍ଠୀମାନଙ୍କ ମଧ୍ୟରେ ଲଟେରୀ ଦ୍ୱାରା କାର୍ଯ୍ୟଗୁଡିକୁ କରିବା ପାଇଁ ଚୟନ କରାଯିବ ।

୪- ଆର୍ଥିକ ବର୍ଷ (୨୦୨୧-୨୨) (୨୦୨୨-୨୩) ରେ ଯେଉଁ ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ସହରର ରୂପାନ୍ତରୀକରଣ ଏବଂ **5T ବିଦ୍ୟାଳୟ** କାର୍ଯ୍ୟ କରିଛନ୍ତି ସେହି ଗୋଷ୍ଠୀମାନେ ଏହି ଅଭିବ୍ୟକ୍ତି ପ୍ରକାଶନରେ ଆବେଦନ କରିପାରିବେ ନାହିଁ ।

**ବିଶେଷ ଦ୍ରଷ୍ଟବ୍ୟ**

ନିମ୍ନରେ ଦିଆଯାଇଥିବା ପୌରପରିଷଦରେ ୱାର୍ଡ ନଂ.୧ ରୁ ୧୫ ର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ନିଜେ ନିଜର ୱାର୍ଡ ନିମନ୍ତେ ଆବେଦନରେ ଭାଗ ନେଇ ପାରିବେ ।

**ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧- ଆବେଦନ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବ ।

୨- ପଞ୍ଚ ସୂତ୍ରୀ ନିୟମକୁ ଅନୁପାଳନ କରାଯିବ, (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩- ସ୍ୱୟଂ ସହାୟିକା ଗୋଷ୍ଠୀ ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

୪- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ପରମାନେନ୍ଟ ଆକାଉଂଟ୍ (ପ୍ୟାନ୍ ନମ୍ବର) ଥିବ ।

୫- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଜମାଖାତା ସକ୍ରିୟ ଥିବ ।

୬- କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ୍.ପି.ଏ. କିମ୍ବା ୱାନ୍ ଟାଇମ୍ ସେଟେଲ୍‌ମେଂଟ୍ ଘୋଷିତ ହୋଇନଥିବ ।

୭- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୮- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ଲକ୍ଷ ରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

08/06/23

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌରପାଳିକା

ଜ୍ଞାପକ ସଂଖ୍ୟା 1845 ତା 08.6.23

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ରାଇରଙ୍ଗପୁର / ଜିଲ୍ଲା ସହର ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ / ରାଜ୍ୟ ସହର ଉନ୍ନୟନ ସଂସ୍ଥା, ଓଡିଶା, ଭୁବନେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

08/06/23

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌରପାଳିକା